ଫର୍ମ -III
[ନିୟମ-୫(୪)

# ତହସିଲ୍ କାର୍ଯ୍ୟାଳୟ, କୁକୁଡ଼ାଖଣ୍ଡି, ଗଞ୍ଜାମ

ଲିଜ ମିସ୍ କେସ୍ ନଂ ୦୧/ ୨୦୨୫

## ସର୍ବସାଧାରଣ ନୋଟିସ୍

ଏତଦ୍ୱାରା ମୌଜା – କୁକୁଡ଼ାଖଣ୍ଡି, ଥାନା- ବ୍ରହ୍ମପୁର ସଦର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ତଫସିଲଭୁକ୍ତ ଜମିର ଖାତାକୁ "ସର୍ବସାଧାରଣ" ରୁ "ଆବାଦ ଯୋଗ୍ୟ ଅନାବାଦି" ଓ କିସମକୁ "ପତିତ ଗ୍ରାମକଣ୍ଠ" ରୁ "ଘରବାରି" ରେ ପରିଣତ କରି ସମ୍ପାଦକ ଓଡ଼ିଶା ଦୁଗ୍ଧ ଉତ୍ପାଦକ ସମବାୟ ସମିତି, କୁକୁଡ଼ାଖଣ୍ଡି ଙ୍କ ନାମରେ ଗୃହ ନିର୍ମାଣ ନିମନ୍ତେ ଲିଜେ ସୂତ୍ରେ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବିତ ହୋଇଅଛି ।

ଏଣୁ ନିମ୍ନ ତଫସିଲଭୁକ୍ତ ଜମିର ଖାତା ଓ କିସମ ପରିବର୍ତ୍ତନ ଉପରେ ଯଦି କାହାର କିଛି ଆପତ୍ତି ଅଭିଯୋଗ ଥାଏ, ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଯେ କୌଣସି କାର୍ଯ୍ୟ ଦିବସରେ ଲିଖିତ ଆପତ୍ତି ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଅତିକ୍ରାନ୍ତ ହେବା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

### ତଫସିଲଭୁକ୍ତ ଜମିର ବିବରଣୀ

| ମୌଜା | ଖାତା ନଂ | ପ୍ଲଟ ନଂ | ପୂର୍ଣ୍ଣ ରକବା | ପ୍ରସ୍ତାବିତ ରକବା | କିସମ | ଯାହାଙ୍କ ନାମରେ ବନ୍ଦୋବସ୍ତ କରାଯିବ (ପ୍ରସ୍ତାବିତ ପ୍ରଜା) |
|---|---|---|---|---|---|---|
| କୁକୁଡ଼ାଖଣ୍ଡି | 1558 | 3089/11141 | 0.037 | 0.037 | ଘରବାରି | ସମ୍ପାଦକ ଓଡ଼ିଶା ଦୁଗ୍ଧ ଉତ୍ପାଦକ ସମବାୟ ସମିତି, କୁକୁଡ଼ାଖଣ୍ଡି |

ତହସିଲଦାର,
କୁକୁଡ଼ାଖଣ୍ଡି, ଗଞ୍ଜାମ

**ପରିପତ୍ର ନଂ** 9277 / **ତାରିଖ** 25.06.26

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO), NIC, ଗଞ୍ଜାମଙ୍କ ଅବଗତି ଓ ୱେବ-ସାଇଟ୍ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିବା ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ନିରୀକ୍ଷକ, କୁକୁଡ଼ାଖଣ୍ଡିଙ୍କ ଦ୍ୱାରା ମୌଜା- କୁକୁଡ଼ାଖଣ୍ଡି ପ୍ରକାଶ୍ୟ ସ୍ଥାନରେ ଢେଙ୍ଗୁରା / ମାଇକିଙ୍ଗ ଦ୍ୱାରା ଜାରି କରିବା ପାଇଁ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କୁକୁଡ଼ାଖଣ୍ଡି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ / ସରପଞ୍ଚଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କୁକୁଡ଼ାଖଣ୍ଡିର ବିଜ୍ଞାପନ ଫଳକରେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ଜାରି କରାଗଲା ।

ତହସିଲଦାର,